# NATIONAL NEWS BULLETIN (ODIA)

**19 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ
- ପ୍ରଶାସନିକ ସେବା ଅଧିକାରୀ ଚୟନ ସମୟରେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଲେ ରାଷ୍ଟ୍ରପତି ।
- ପାରମ୍ପରିକ ଔଷଧ ସମ୍ପର୍କିତ ଦ୍ୱିତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଆଜି ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।

\- ମାଇଁ ଆୟୁଷ ସମନ୍ୱିତ ସେବା ପୋର୍ଟାଲର କରିବେ ଶୁଭାରମ୍ଭ

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଜି ଅନୁଷ୍ଠିତ ହେବ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ।

# ହାଉସ୍ ଆଡଜର୍ଣ୍ଣଡ ସାଇନ୍‌ଡାଏ

ସଂସଦର ଉଭୟ ଗୃହକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି । ୧୯ଦିନ ଧରି ଚାଲିଥିବା ଶୀତକାଳୀନ ଅଧିବେଶନ ଆଜି ସମାପ୍ତ ହୋଇଛି । ପ୍ରଥମେ ଲୋକସଭା ମୁଲତବୀ ହେବା ପରେ ରାଜ୍ୟସଭା ମୁଲତବୀ ହୋଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଯାପନୀ ଦିବସରେ ଉଦ୍‌ବୋଧନ ଦେଇ କହିଛନ୍ତି ଏହି ଅଧିବେଶନ କାଳରେ ୧୫ଟି କାର୍ଯ୍ୟଦିବସରେ ୧୧୧ ପ୍ରତିଶତ କାର୍ଯ୍ୟଦକ୍ଷତା ମିଳିପାରିଛି । ସେ ସମସ୍ତ ସାଂସଦମାନଙ୍କୁ ଶାନ୍ତିଶୃଙ୍ଖଳାରେ ଗୃହ ପରିଚାଳନା କରିବା ପାଇଁ ସହାୟତା ପ୍ରଦାନ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି ।

**V/O (Omm Birla)**

ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ତାଙ୍କ ଉଦ୍‌ଯାପନୀ ଭାଷଣରେ କହିଛନ୍ତି ଗୃହ ମୋଟ୍ ୯୨ଘଣ୍ଟା ଚାଲିଥିଲା ଏବଂ ୧୨୧ ପ୍ରତିଶତ କାର୍ଯ୍ୟଦକ୍ଷତା ରେକର୍ଡ ହୋଇଛି । ଏହି ଅଧିବେସନରେ ଅଣଷଠିଟି ବିଲ୍ ଆଗତ କରାଯାଇଥିଲା ବୋଲି ସେ କହିଛନ୍ତି । ଏହି ଅଧିବେଶନ ସମୟରେ ଐତିହାସିକ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧ ରଖୁଥିବା ବିଭିନ୍ନ ଗୁଣାତ୍ମକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ବୋଲି ଶ୍ରୀ ରାଧାକୃଷ୍ଣନ କହିଛନ୍ତି । ସେ କହିଛନ୍ତି ଅଧିବେଶନ କାଳରେ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ ଏକ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା । ଯେଉଁଥିରେ ୯୨ଜଣ ସଭ୍ୟ ଅଂଶଗ୍ରହଣ କରିଥିଲେ । ଏହି ସମୟରେ ନିର୍ବାଚନ ସଂସ୍କାର ଉପରେ ମଧ୍ୟ ୫୭ଜଣ

ସଭ୍ୟଙ୍କ ଉପସ୍ଥିତିରେ ମୂଲ୍ୟବୋଧ ଭିତ୍ତିକ ଆଲୋଚନା କରାଯାଇଥିଲା । ଏଥିରେ ସାଂସଦମାନେ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ନିଜର ମତ ପ୍ରକାଶ କରିଥିଲେ ।

ବିରୋଧୀ ସଦସ୍ୟମାନେ ଗୃହରେ ଗତକାଲି ଅଚଳାବସ୍ଥା ସୃଷ୍ଟି କରିଥିବା ନେଇ ଶ୍ରୀ ରାଧାକ୍ରିଷ୍ଣନ ଚିନ୍ତାପ୍ରକଟ କରିଛନ୍ତି । ସେ କହିଛନ୍ତି ବଡ ପାଟିରେ ସ୍ଲୋଗାନ ଦେବା, ପ୍ଲା-କାର୍ଡ ଦେଖାଇବା, ଗୃହରେ ମନ୍ତ୍ରୀମାନେ ଉତ୍ତର ରଖୁଥିବେଳେ ବିଶୃଙ୍ଖଳା ସୃଷ୍ଟି କରିବା, କାଗଜ ଚିରି ଫୋପାଡିବା ଆଦି ପ୍ରସଙ୍ଗ ସାଂସଦମାନଙ୍କୁ ଶୋଭାପାଉନାହିଁ । ଆଗାମୀ ଦିନରେ ସାଂସଦମାନେ ଏଭଳି ଆଚରଣରୁ ବିରତ ରହିବା ପାଇଁ ସେ ଅନୁରୋଧ କରିଛନ୍ତି ।

## ପ୍ରେଜ୍-ନ୍ୟାସନାଲ କନ୍ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହାଇଦ୍ରାବାଦରେ ରାଜ୍ୟ ଲୋକସେବା ଆୟୋଗ ଅଧ୍ୟକ୍ଷ ମାନଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଭାରତୀୟ ପ୍ରଶାସନିକ ସେବାରେ ଅଧିକାରୀମାନଙ୍କ ଚୟନ ସମୟରେ ଲୋକସେବା ଆୟୋଗ ଗୁଡ଼ିକ ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ ରହିଛି । ସେ କହିଛନ୍ତି ସରକାରଙ୍କ ଭରସାଯୋଗ୍ୟ ସଂସ୍ଥାଗୁଡ଼ିକ ମଧ୍ୟରୁ ରାଜ୍ୟ ଲୋକସେବା ଆୟୋଗ ଅନ୍ୟତମ ଯେଉଁଥିରେ ବିଶ୍ୱସନୀୟତାକୁ ଅଧିକ ମହତ୍ୱ ଦିଆଯାଇଥାଏ ।

ଏହି ଅବସରରେ ତେଲେଙ୍ଗାନା ରାଜ୍ୟପାଳ ଜିଷ୍ଣୁଦେବ ଶର୍ମା ପ୍ରାର୍ଥୀ ଚୟନ ସମୟରେ ସ୍ୱଚ୍ଛ ଏବଂ ସମୟାନୁବର୍ତ୍ତୀ ଢ଼ଙ୍ଗରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱପ୍ରଦାନ କରିଛନ୍ତି । କେନ୍ଦ୍ର ଲୋକସେବା ଆୟୋଗର ଅଧ୍ୟକ୍ଷ ଅଜୟ କୁମାର କହିଛନ୍ତି ଆଇନ୍ ଅନୁଯାୟୀ ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ମଜଭୁତ କରିବା ଲାଗି ନାଲ୍‌ସର ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟ ଲୋକସେବା ଆୟୋଗ ଏକ ମହତ୍ୱପୂର୍ଣ୍ଣ ସଂକଳନ ପ୍ରସ୍ତୁତ କରୁଛନ୍ତି । ଏହାପୂର୍ବରୁ ତେଲେଙ୍ଗାନା ଲୋକସେବା ଆୟୋଗର ଅଧ୍ୟକ୍ଷ ବି. ଭେଙ୍କଟେସମ କହିଛନ୍ତି ଏହି ଦୁଇଦିନିଆ ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ରୀୟ ଲୋକସେବା ଆୟୋଗ ଗୋଟିଏ ମଞ୍ଚରେ ପ୍ରାର୍ଥୀ ଚୟନ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ ନେଇ ବିଭିନ୍ନ ସୁଧାରମୂଳକ ପଦକ୍ଷେପ ଉପରେ ଆଲୋଚନା କରିବେ । ଏହି ସମ୍ମିଳନୀରେ ୨୪ଟି ରାଜ୍ୟର ଲୋକସେବା ଆୟୋଗ ଅଧ୍ୟକ୍ଷମାନେ ଯୋଗ ଦେଇଛନ୍ତି ।

## ଜି ରାମ୍ ଜି ବିଲ୍ ପାରିତ

ବିକଶିତ ଭାରତ ରୋଜଗାର ଏବଂ ଜୀବିକା ମିଶନ୍ ପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ – ଭି.ବି.ଜି.-ରାମ୍.ଜି. ବିଲ୍ ୨୦୨୫ ଗତକାଲି ସଂସଦର ଅନୁମୋଦନ ଲାଭ କରିଛି । ଗତ ରାତିରେ ଏହି ବିଲ୍ ରାଜ୍ୟସଭାରେ ପାରିତ ହୋଇଛି । ପୂର୍ବରୁ ଏହି ବିଲ୍ ଲୋକସଭାର ମଧ ମଞ୍ଜୁରୀ ପାଇସାରିଛି ।

୨୦ ବର୍ଷର ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ ବଦଳରେ ଏହା କାର୍ଯ୍ୟକାରୀ ହେବ। ୨୦୪୭ ସୁଦ୍ଧା ବିକଶିତ ଭାରତ ଭିଜନ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହି ବିଲ୍ ସହାୟକ ହେବ । ପୂର୍ବରୁ ରହିଥିବା ୧୦୦ ଦିନର ନିଶ୍ଚିତ ନିଯୁକ୍ତି ବ୍ୟବସ୍ଥାକୁ ଏଣିକି ୧୨୫ ଦିନକୁ ବୃଦ୍ଧି କରାଯାଇଛି । ବିଲ୍‌ରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦-୪୦ ଅନୁପାତରେ ପାଣ୍ଠି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଉତ୍ତର ପୂର୍ବାଞ୍ଚଳ ଏବଂ ହିମାଳୟ ଅଞ୍ଚଳ ଅନ୍ତର୍ଗତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ପାଣ୍ଠି ଆବଣ୍ଟନ ୯୦-୧୦ ଅନୁପାତରେ ଧାର୍ଯ୍ୟ କରାଯାଇଛି।

ଗତକାଲି ରାଜ୍ୟସଭାରେ ଏହି ବିଲ୍ ସମ୍ପର୍କରେ ଚାଲିଥିବା ଆଲୋଚନାର ଉତ୍ତର ରଖି ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଥିଲେ, ଦେଶ ପ୍ରଥମ ବାର୍ତ୍ତା ନେଇ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ସରକାର କାର୍ଯ୍ୟ କରୁଛନ୍ତି । ଗ୍ରାମୀଣ ବିକାଶ ବିନା ଦେଶର ବିକାଶ ଅସମ୍ଭବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ବିଶେଷ କରି ସମାଜର ଅବହେଳିତ ବର୍ଗର ବିକାଶ ଲାଗି ସରକାର ଅବିରତ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ । ସେ କହିଛନ୍ତି, ଭି.ବି.ଜି.-ରାମ୍.ଜି. ବିଲ୍ ୨୦୨୫ ଲାଗି ପର୍ଯ୍ୟାପ୍ତ ପାଣ୍ଠି ୧ ଲକ୍ଷ ୫୧ ହଜାର ୨୮୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସେଥିରୁ ୯୫ ହଜାର କୋଟିରୁ ଅଧିକ ଟଙ୍କା କେନ୍ଦ୍ର ପ୍ରଦାନ କରିବ ବୋଲି ଶ୍ରୀ ଚୌହାନ କହିଥିଲେ।

## ଏମ୍‌ଓସିଏ-ପାସେଞ୍ଜରୀ ଆଡଭାଇଜରୀ

ଘନ କୁହୁଡ଼ି ଯୋଗୁଁ ବାତିଲ ହେଉଥିବା ବିମାନ ଉଡାଣ ସମ୍ପର୍କରେ ସବିଶେଷ ସୂଚନା ପାଇବା ଲାଗି ଯାତ୍ରୀମାନେ ବିମାନ ବନ୍ଦର ଓ ବିମାନସେବା ଅଧିକାରୀଙ୍କ ସହାୟତା ନେବାଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ବିମାନଯାତା କରୁଥିବା ଯାତ୍ରୀମାନଙ୍କୁ ଅତିରିକ୍ତ ସମୟ ଦେବାଲାଗି କୁହାଯାଇଛି । ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଭାରତୀୟ ପାଣିପାଗ ବିଭାଗ ସହ ଯୋଗାଯୋଗ ରକ୍ଷା କରାଯାଇ ବିମାନ ଉଡାଣ ନିଶ୍ଚିତ କରାଯାଇଛି ।

## ଗୋଆ-ଲିବେରେସନ ଡେ

ଗୋଆ ବିଶ୍ୱବିଦ୍ୟାଳୟ ପଡ଼ିଆରେ ରାଜ୍ୟସ୍ତରୀୟ ୬୪ତମ ଗୋଆ ମୁକ୍ତି ଦିବସ ପାଳିତ ହୋଇଛି । ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏଥିରେ ଯୋଗଦେଇ ଆସନ୍ତା ୨୦୩୭ ସୁଦ୍ଧା ଗୋଆକୁ ଏକ ବିକଶିତ ରାଜ୍ୟ ତଥା ଭାରତକୁ ଆସନ୍ତା ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଣତ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି । ଡକ୍ଟର ସାୱନ୍ତ କହିଛନ୍ତି ଗୋଆରେ ଶିକ୍ଷା, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଏବଂ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅନେକ ଅଗ୍ରଗତି ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଐତିହ୍ୟ, ଏକତା ଏବଂ ଆତ୍ମନିର୍ଭରଶୀଳତା ରକ୍ଷା କରିବା ଉପରେ ସାଧାରଣ ଜନତାଙ୍କୁ ଆହ୍ୱାନ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୋଆ ମୁକ୍ତିଦିବସ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ତ୍ୟାଗକୁ ପ୍ରଶଂସା କରିବା ସହ ଗୋଆ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ବ୍ରିଟିଶ ଶାସନରୁ ଗୋଆକୁ ମୁକ୍ତ କରିବାରେ ସେମାନଙ୍କ ବଳିଦାନ ଅବର୍ଣ୍ଣନୀୟ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତା କହିଛନ୍ତି ଗୋଆରେ ଏହି ମୁକ୍ତିଦିବସ ଆଣିବା ପାଇଁ ସେଠାକାର ସାଧାରଣ ଜନତା ଅନ୍ୟାୟ ବିରୁଦ୍ଧରେ ସାହସର ସହ ଲଢ଼େଇ କରିଥିଲେ, ଯାହା ଗୋଆର ସର୍ବାଙ୍ଗୀନ ବିକାଶ ଆଣିବାରେ ପ୍ରେରଣା ଯୋଗାଇଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୋଆ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଗୋଆର ସଂହତି ସ୍ଥାପନରେ ସହାୟକ ହୋଇଛି । ଏହି ଉତ୍ସବ ପ୍ରାରମ୍ଭରେ ତ୍ରିରଙ୍ଗା ପତାକା ଉତ୍ତୋଳନ ହେବା ସହ ସମ୍ମିଳିତ ପରେଡ୍‌ରେ ପୁଲିସବାହିନୀ, ଅଗ୍ନିଶମ ବାହିନୀ, ଗୃହରକ୍ଷୀ ବାହିନୀ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

## ପିଏମ୍-ଇଥୋପିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତ୍ରିରାଷ୍ଟ୍ରୀୟ ଦେଶ ଜୋର୍ଡାନ, ଇଥୋପିଆ ଏବଂ ଓମାନ ଗସ୍ତ ଶେଷ କରିଛନ୍ତି । ଇଥୋପିଆ ସରକାର ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ଅନେକ ଆଶାବାଦୀ ଅଛନ୍ତି । ଭାରତ ଇଥୋପିଆକୁ

ବିଭିନ୍ନ କ୍ଷେତ୍ରରେ ତା'ର ସମର୍ଥନ ଦେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତକାଳରେ ବିଭିନ୍ନ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଆଗାମୀ ଦିନରେ ଇଥୋପିଆର ବିକାଶ ପାଇଁ ଭାରତ ପକ୍ଷରୁ ବ୍ୟାପକ ସମର୍ଥନ ମିଳିବ ବୋଲି ଇଥୋପିଆର ମହିଳା ଏବଂ ସାମାଜିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଫ୍ରେଗୋଗି ଟେସାଫାଏ ଆଶାବାଦୀ ଅଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଚୁକ୍ତିନାମା ଗୁଡ଼ିକରେ ସ୍ୱାକ୍ଷର କରିବା ପରେ ସେଠାକାର ମହିଳାମାନଙ୍କ ବିକାଶରେ ଏହା ସହାୟକ ହେବ ବୋଲି ଡକ୍ଟର ଟେସାଫାଏ କହିଛନ୍ତି ।

# ଜେକେ ସିକ୍ୟୁରିଟି

ଜାମ୍ମୁ ଓ କାଶ୍ମୀରର ରାଜୌରୀ ଜିଲ୍ଲାର ବିଭିନ୍ନ ଗ୍ରାମରେ କେତେକ ବ୍ୟକ୍ତିଙ୍କ ସନ୍ଦେହଜନକ ଚଳାଚଳର ସୂଚନା ମିଳିବା ପରେ ନିରାପତ୍ତା ବଳ ପକ୍ଷରୁ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ ହୋଇଛି । ଆକାଶବାଣୀର ଜାମ୍ମୁ ସମ୍ବାଦଦାତାଙ୍କ ସୂଚନା ଅନୁସାରେ ୪୯ ରାଷ୍ଟ୍ରୀୟ ରାଇଫଲ୍‌ସ ଏବଂ ଜାମ୍ମୁ ଓ କାଶ୍ମୀର ପୋଲିସର ଏକ ସ୍ୱତନ୍ତ୍ର ଅପରେସନ ଦଳ ପକ୍ଷରୁ ମିଳିତଭାବେ ସେସବୁ ସ୍ଥାନରେ କର୍ଡନ କରାଯାଇ ତଲାସୀ ଅଭିଯାନ ଆରମ୍ଭ ହୋଇଛି । ଗତକାଲି ମଧ୍ୟରାତ୍ରୀରୁ ପୋଲିସ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ସୂଚନା ମିଳିଛି ।'

# କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ଅହମ୍ମଦାବାଦରେ ଖେଳାଯିବ । ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଗତ ବୁଧବାର ଦିନ ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳବିହାରୀ  ବାଜପେୟୀ ଏକନା ଷ୍ଟାଡିୟମ୍‌ରେ ଏହି ପାଞ୍ଚଟିକିଆ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ଟି ପ୍ରବଳ କୁହୁଡ଼ି ଯୋଗୁଁ ବାତିଲ ହୋଇଯାଇଥିଲା । ବର୍ତ୍ତମାନ ସୁଦ୍ଧା ଭାରତ ଏହି ସିରିଜ୍‌ରେ ୨-୧ରେ ଆଗୁଆ ରହିଛି ।